**ସଂକ୍ଷେପରେ**

## ପୋଲିଓ ଦିବସ: ପ୍ରଥମ ଦିନରେ ୧୧୭୬୨ ଶିଶୁଙ୍କୁ ପୋଲିଓ ବୁନ୍ଦା



ନନ୍ଦପୁର, ୩।୩(ଶଙ୍କର ପୂଜାରୀ)

ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ପୋଲିଓ ଦିବସର ପ୍ରଥମ ଦିନରେ ୧୧୭୬୨ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ୧୨୨୫୬ ଶିଶୁଙ୍କୁ ପୋଲିଓ ବୁନ୍ଦା ଦେବାର ଲକ୍ଷ୍ୟ ରହିଛି। ପ୍ରଥମ ଦିନରେ ୧୨୦ ବୁଥ ପୋଲିଓ ବୁଥ ପ୍ରତିଷ୍ଠା କରାଯାଇ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି। ବଳକା ଶିଶୁଙ୍କୁ ୪ ତାରିଖ ଓ ୫ ତାରିଖ ଦିନ ଘର ଘର ବୁଲି ପୋଲିଓ ବୁନ୍ଦା ପ୍ରଦାନ କରାଯିବ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଯୁବରାଜ ମୁର୍ମୁ ସୂଚନା ଦେଇଛନ୍ତି। ଏଥିନିମନ୍ତେ ସିଏଚସି ତରଫରୁ ଦୁଇ ଜିଲା ପରିଷଦ ଜୋନ ପାଇଁ ୨ଟି ଟ୍ରାନଜିଟ ଦଳ ଓ ୧୦ଟି ପରିଦର୍ଶକ ଦଳ ଗଠନ କରାଯାଇଥିଲା। ୧୨୦ ବୁଥରେ ୨୪୦ ଜଣ ସାସ୍ଥ୍ୟ କର୍ମୀ, ଆଶା, ଅଙ୍ଗନୱାଡ଼ି କର୍ମୀଙ୍କୁ ନିଯୁକ୍ତି କରାଯାଇଥିଲା ବୋଲି ମୁର୍ମୁ କହିଛନ୍ତି।

## କେନାଲରେ ଯୁବକ ନିଖୋଜ

ଜୟପୁର, ୩।୩ (ପବନ ପାଣିଗ୍ରାହୀ)

ଜୟପୁର ସଦର ଥାନା ଅନ୍ତର୍ଗତ ବାରିଣିପୁଟରେ ରହୁଥିବା ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଶିବୁ ବାଙ୍କିଆ (୧୯)। ପୋଲିସ ସୂଚନା ଅନୁଯାୟୀ କେନାଲର ଯଲୋ ବ୍ରିଜରେ ଯୁବକ ଜଣକ ଶିବୁ ଗାଧେଇବା ପାଇଁ ଜମ୍ପ କରୁଥିବା ବେଳେ ନିଖୋଜ ହୋଇଥିଲେ। ସୂଚନା ପାଇ ଜୟପୁର ମଦକଳବାହିନୀ ଓ ଓଡ୍ରାଫ ଟିମ୍ ତାଙ୍କୁ ବହୁ ଖୋଜାଖୋଜି କରି ତାଙ୍କୁ ଠାବ କରି ପାରି ନାହାନ୍ତି। ସୋମବାର ପୁଣି ଖୋଜା ଖୋଜି କରାଯିବ ବୋଲି ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

## ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ଉତ୍ସବ

ଜୟପୁର,୩।୩(ପବନ ପାଣିଗ୍ରାହୀ)

ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଜନ୍ମ ମହୋତ୍ସବ ରବିବାର ସ୍ଥାନୀୟ ଡଙ୍ଗାଗୁଡ଼ାସ୍ଥିତ ସତ୍ସଙ୍ଗ ବିହାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟୁଷରୁ ଉଷା କୀର୍ତ୍ତନ, ସମବେତ ପ୍ରାର୍ଥନା, ପ୍ରଣାମ, ଗ୍ରନ୍ଥପାଠ, ସଙ୍ଗୀତାଞ୍ଜଳି ଆଦି କାର୍ଯ୍ୟକ୍ରମ ହୋଇଥିଲା। ପୂର୍ବାହ୍ନ ୧୧ଟାରେ ସତ୍ସଙ୍ଗ ଓ ଭଜନ କୀର୍ତ୍ତନ କରାଯାଇଥିଲା। ଅପରାହ୍ନ ୧ଟାରେ ପ୍ରସାଦ ସେବନ ଓ ୩ଟାରେ ମାତୃ ସମ୍ମିଳନୀ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଋତ୍ୱିକ, ସହ ଋତ୍ୱିକ, କର୍ମୀ ଓ ୧ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଶ୍ରୀ ଠାକୁରଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାରଙ୍କ ସହାୟତାରେ ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମାତୃସମ୍ମିଳନୀ କକ୍ଷ ନିର୍ମାଣ ନେଇ ସେ ଆଲୋଚନା କରିଥିଲେ। କଟକର ଋତ୍ୱିକ ପବିତ୍ର ମୋହନ ମେପାକ ଠାକୁରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଋତ୍ୱିକ ଶିଶିର ପରିଜା, କପିଳ ମହାକୁଳ, ନିରଞ୍ଜନ ଆଚାର୍ଯ୍ୟ, କୋରାପୁଟର ଜଗନ୍ନାଥ ଖଟୁଆ, ସୁନାବେଡ଼ାର ଋତ୍ୱିକ ରଜନୀକାନ୍ତ ନାୟକ ଠାକୁରଙ୍କ ବାଣୀ ପ୍ରଚାର କରିବାକୁ ପରାମର୍ଶ ଦେଇଥିଲେ।

# ମାଓବାଦୀଙ୍କୁ ଗୋଳାବାରୁଦ ଯୋଗାଣ ଅଭିଯୋଗ, ୨ ନିର୍ଦ୍ଦୋଷରେ ଖଲାସ

ଜୟପୁର,୩।୩(ପବନ ପାଣିଗ୍ରାହୀ)

■ ପଦାରେ ପଡ଼ିଲା ଛତିଶଗଡ଼ ପୋଲିସର ମିଥ୍ୟା ଅଭିଯୋଗ
■ ଓଡ଼ିଶା ହାଇକୋର୍ଟରେ ପାଲଟା ମାମଲା

ଭୁଲ ତଥ୍ୟ ଦେଇ ଓଡ଼ିଶା ସୀମାନ୍ତରୁ ୨ ଜଣ ଓଡ଼ିଆ ଯୁବକଙ୍କୁ ମାଓବାଦୀଙ୍କୁ ଗୋଳାବାରୁଦ ଯୋଗାଉଥିବା ଅଭିଯୋଗରେ ୨୦୧୬ ଜୁଲାଇ ୨୮ରେ ଉଠାଇ ନେଇଥିଲା ଛତିଶଗଡ଼ ନର୍ଗନା ପୋଲିସ। ଏହି ମାମଲାରେ ଦୀର୍ଘ ୭ ବର୍ଷ ପରେ ୨ ଯୁବକଙ୍କୁ ନ୍ୟାୟ ମିଳିଛି। ଛତିଶଗଡ ହାଇକୋର୍ଟରୁ ନିରଞ୍ଜନ ଦାସ ଓ ଦୁର୍ଜ୍ୟତି ମହାକୁଡ ଗତ ୨୮ ତାରିଖରେ ଖଲାସ ହୋଇଛନ୍ତି। ଅନ୍ୟପକ୍ଷରେ ୨୦୨୨ରେ ଓଡ଼ିଶା ହାଇକୋର୍ଟରେ ଛତିଶଗଡ଼ ପୋଲିସ ନାମରେ ମାମଲା ରୁଜୁ ହୋଇଥିବା ବିଷୟ ରବିବାର ଉଭୟେ ଏକ ଖବରଦାତା ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଖବରରୁ ଜଣାପଡିଛି, ୨୦୧୬ ଜୁଲାଇ ୨୮ରେ ଓଡ଼ିଶା ସୀମାନ୍ତ କୋଟପାଡ ବ୍ଲକର ନୂଆଗାଁଠାରେ ଏକ ଦୋକାନ ନିକଟରେ ନିରଞ୍ଜନ ଓ ଦୁର୍ଜ୍ୟତି ଛିଡା ହୋଇଥିଲେ। ଏହି ସମୟରେ ଛତିଶଗଡ଼ର ନର୍ଗନା ପୋଲିସ



ଖବରଦାତା ସମ୍ମିଳନୀରେ ନିରଞ୍ଜନ ଓ ଦୁର୍ଜ୍ୟତି ସୂଚନା ଦେଉଛନ୍ତି।

ଏକ ଗାଡିରେ ଆସି କେହି କିଛି ଜାଣିବା ପୂର୍ବରୁ ଉଭୟଙ୍କୁ ଉଠାଇ ନେଇଥିଲା। ସେମାନଙ୍କ ବିରୋଧରେ ମାଓବାଦୀଙ୍କୁ ଗୋଳାବାରୁଦ ଯୋଗାଉଥିବା ଅଭିଯୋଗ ଆଣି ଛତିଶଗଡ଼ ପୋଲିସ ଆର୍ମ ଆକ୍ଟ ଓ ବିଶେଷ ଜନସୁରକ୍ଷା ଅଧିନିୟମ ଏକ୍ସପ୍ଲୋସିଭ ଆକ୍ଟ ୪,୫ ଲଗାଇ ଜେଲ ପଠାଇ ଦେଇଥିଲା। ଏହା ବିରୋଧରେ ପରିବାର ଲୋକେ ଛତିଶଗଡ଼ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହିମାମଲାରେ ଏବେ ନ୍ୟାୟ ମିଳିଛି। ନିରଞ୍ଜନ ଓ ଦୁର୍ଜ୍ୟତିଙ୍କୁ ଗତ ୨୮ ତାରିଖରେ ଜିଲା କୋର୍ଟ ଖଲାସ କରିଛନ୍ତି। ଛତିଶଗଡ ହାଇକୋର୍ଟ ପୋଲିସର ଏହି କାର୍ଯ୍ୟକୁ ମିଥ୍ୟା ବୋଲି ଅଭିହିତ କରି ମାମଲାକୁ ବନ୍ଦ କରି ଦେଇଛନ୍ତି। ଏହି ଘଟଣାରେ ସେତେବେଳେ ରାଜ୍ୟ ସରକାରଙ୍କ ବଡ ଭୂମିକା ଥିଲା। ତତ୍କାଳୀନ କୋରାପୁଟ ଏସ୍‌ପି ଚରଣ ସିଂ ମିନା (ଏବେ ଡିଆଇଜି କୋରାପୁଟ ଦାୟିତ୍ୱରେ ଅଛନ୍ତି) ଏବଂ ଗୃହ ସଚିବ ଅସିତ ତ୍ରିପାଠୀ ଓ ରାଜ୍ୟ ସରକାରଙ୍କ ଆଇନଜୀବୀ ପ୍ରଶାନ୍ତ ମହାପାତ୍ରଙ୍କୁ ନିରଞ୍ଜନ ଓ ଦୁର୍ଜ୍ୟତି କୃତଜ୍ଞତା ଜଣାଇଛନ୍ତି। ଏପରି ଅନେକ ମିଥ୍ୟା ଘଟଣାକୁ ଆଳ କରି ଛତିଶଗଡ଼ ପୋଲିସ ଓଡ଼ିଶା ସୀମାନ୍ତରୁ ଅନେକ ଯୁବକଙ୍କୁ ଉଠାଇ ନେଇ ଜେଲରେ ଭର୍ତ୍ତି କରିଥିବା ନିରଞ୍ଜନ ଓ ଦୁର୍ଜ୍ୟତି ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି କୋଟପାଡ଼ ଥାନାରେ ଛତିଶଗଡ଼ ପୋଲିସ ବିରୋଧରେ ପାଲଟା ମାମଲା ରୁଜୁ ହୋଇଛି।

# କନ୍‌ଷ୍ଟେବଲ, ମାଓବାଦୀ ନିହତ

ମାଲକାନଗିରି,୩।୩(ଦୁର୍ଯ୍ୟୋଧନ ପାତ୍ର)

**ସୀମାନ୍ତରେ ଗୁଳି ବିନିମୟ**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ କାଙ୍କେର ଜିଲାରେ ରବିବାର ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ଏଥିରେ ଜଣେ କନ୍‌ଷ୍ଟେବଲ,ମାଓବାଦୀ ନିହତ ହୋଇଛନ୍ତି। ମୃତ କନଷ୍ଟେବଲ ହେଲେ ରମେଶ କୁରେଠୀ । ସର୍ଚ୍ଚ ଅପରେଶନ ସମୟରେ ଜଣେ ମାଓବାଦୀଙ୍କ ମୃତଦେହ ଜବତ କରାଯାଇଛି। ବସ୍ତର ରେଞ୍ଜ ଆଇଜି ସୁନ୍ଦରରାଜ ପିଙ୍କ ସୂଚନା ଅନୁଯାୟୀ କାଙ୍କେର ଜିଲା ଛୋଟେବେଠିଆ ଥାନା ଅନ୍ତର୍ଗତ ବିଦୁର ଜଙ୍ଗଲରେ ମାଓବାଦୀଙ୍କ ବୈଠକ ବସିଥିଲା। ଏ ସମ୍ପର୍କରେ ଖବର ପାଇ ଡିଆରଜି ଓ ବିଏସ୍‌ଏଫ୍ ବାହିନୀ ଉକ୍ତ ଜଙ୍ଗଲରେ କୋମ୍ବିଂ ଆରମ୍ଭ କରିଥିଲେ। ବୈଠକ ଚାରିପଟୁ ଘେରାବନ୍ଦୀ କରିବାକୁ ଯୋଜନା କରୁଥିବା ବେଳେ ମାଓବାଦୀମାନେ ଏହା ଜାଣିପାରି ଯବାନମାନଙ୍କ ଉପରେ ଗୁଳି ଚଳାଇଥିଲେ। ପାଲଟା ଜବାବରେ ଯବାନମାନେ ମଧ୍ୟ ଗୁଳି ଚାଳନା କରିଥିବା ବେଳେ ତାଙ୍କ ଆକ୍ରମଣର ସାମ୍ନା କରି ନ ପାରି ମାଓବାଦୀମାନେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ। ତେବେ ଏହି ଉଭୟପଟ ଗୁଳି ଚାଳନାରେ ବସ୍ତର ଫାଇଟରର କନ୍‌ଷ୍ଟେବଲ କୁରେଠୀଙ୍କ ମୃତ୍ୟୁ ହୋଇଥିବା ବେଳେ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ସମୟରେ ଜଣେ ମାଓବାଦୀଙ୍କ ମୃତଦେହ ମଧ୍ୟ ଜବତ ହୋଇଛି। ଏଥିସହ ଗୋଟିଏ ଏକେ ୪୭ ରାଇଫଲ ମଧ୍ୟ ଜବତ କରାଯାଇଥିବା ଆଇଜି ସୂଚନା ଦେଇଛନ୍ତି।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗକୁ ମାନିଲେନି ନାବାଳକ

ଦଶମନ୍ତପୁର, ୩।୩(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଡୁମ୍ବାଗୁଡ଼ା ପଞ୍ଚାୟତ ଅଞ୍ଚଳର ଜଣେ ନାବାଳିକା(୧୫)ଙ୍କୁ ବଳାତ୍କାର କରିବା ଘଟଣା ନେଇ ପୀଡ଼ିତାଙ୍କ ବାପା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଗ୍ରାମ ନିକଟସ୍ଥ ଜଙ୍ଗଲରେ ତାଙ୍କ ଝିଅକୁ ବିବାହ ପ୍ରଲୋଭନ ଦେଖାଇ ନାବାଳକ(୧୭) ଜଣକ ବଳାତ୍କାର କରିଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଶନିବାର ଗ୍ରାମର ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ବସିଥିବା ବୈଠକରେ ସମ୍ପୃକ୍ତ ନାବାଳିକା ଓ ନାବାଳକଙ୍କୁ ଡକାଇ ଉଭୟଙ୍କ ବିବାହ ବୟସ ହେବା ପରେ ବିବାହ କରିବାକୁ ପୁଅଘର ପକ୍ଷରୁ ବୁଝାଯାଇଥିଲା। ମାତ୍ର ବୈଠକରେ ସମ୍ପୃକ୍ତା ନାବାଳିକାଙ୍କୁ ବଳାତ୍କାର କରି ନ ଥିବା ନାବାଳକ ଜଣକ ପ୍ରକାଶ କରି ମୁଁ ସେ ଝିଅକୁ ଗ୍ରହଣ କରିବି ନାହିଁ ବୋଲି କହିଥିଲେ। ଫଳରେ ନାବାଳିକାଙ୍କ ବାପା ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ଏତଲାକୁ ଭିତ୍ତିକରି ଝିଅ ଏବଂ ପୁଅଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି। ନାବାଳିକାଙ୍କ ଡାକ୍ତରୀ ମାଇନା ପରେ ଜୟପୁର ପୋକ୍ସୋ ବିଚାର ବିଭାଗୀୟ କୋର୍ଟରେ ପୁଅକୁ ହାଜର କରାଯାଇଥିବା ଥାନା ଅଧିକାରୀ ସୁକୁମା ହାଁସ୍‌ଦା କହିଛନ୍ତି।

# ଭିତ୍ତିପ୍ରସ୍ତରରେ ସୀମିତ ଆଦିବାସୀ ଛାତ୍ରୀଛାତ୍ରଙ୍କ ସିବିଏସ୍‌ଇ ପାଠପଢ଼ା

■ ଜୁଲାଇ ୫ରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ କେନ୍ଦ୍ରମନ୍ତ୍ରୀ
■ ୧୦ ବ୍ଲକରେ ଏପରି ବିଦ୍ୟାଳୟ ପ୍ରତିଷ୍ଠା ଲକ୍ଷ୍ୟ ଥିଲା
■ ଟେଣ୍ଡର ସରିଛି, କମ୍ପାନୀ କାର୍ଯ୍ୟ ଆରମ୍ଭ କରୁନି: ଜିଲା ମଙ୍ଗଳ ଅଧିକାରୀ

ପଟାଙ୍ଗି,୩।୩(ଶରତ ଧଳ)




ସ୍ଥାପନ ହୋଇଥିବା ଭିତ୍ତିପ୍ରସ୍ତର।

ଗ୍ରାମାଞ୍ଚଳରେ ବସବାସ କରୁଥିବା ଆଦିବାସୀ ଛାତ୍ରୀଛାତ୍ର କିପରି ଉଚ୍ଚଶିକ୍ଷିତ ହୋଇ ପାରିବେ ଏହି ଲକ୍ଷ୍ୟ ରଖି କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଥିବା ବେଳେ ବ୍ଲକ ସ୍ତରରେ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ସ୍ଥାପନ କାର୍ଯ୍ୟକ୍ରମ କେବଳ ଭିତ୍ତିପ୍ରସ୍ତରରେ ସୀମିତ ରହିଛି। ଫଳରେ ଏହି ବର୍ଗର ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା ଆଶା ଏକ ପ୍ରକାର ଅନିଶ୍ଚିତତାରେ ରହିଛି। କୋରାପୁଟ ଜିଲାର ପଟାଙ୍ଗି, କୋଟପାଡ ଓ ଲକ୍ଷ୍ମୀପୁର ବ୍ଲକରେ ଏପରି ଦେଖିବାକୁ ମିଳିଛି। ଏଠାରେ ଉଚ୍ଚଶିକ୍ଷା ପାଇଁ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ସ୍ଥାପନ କେବଳ ଭିତ୍ତିପ୍ରସ୍ତର ସ୍ଥାପନରେ ସୀମିତ ରହିଛି। ଗତ ଜୁଲାଇ ୫ରେ କୋରାପୁଟ ଜିଲା ଗସ୍ତରେ ଆସିଥିବା କେନ୍ଦ୍ର ଆଦିବାସୀ କଲ୍ୟାଣ ତଥା ଜଳ ସମ୍ପଦ ବିଭାଗ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଜିଲାର ପଟାଙ୍ଗି ବ୍ଲକ ସଦର ମହକୁମାରୁ ଚିନ୍ତାଗୁଡା ଗ୍ରାମ ରାସ୍ତା ପାର୍ଶ୍ୱରେ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ସ୍ଥାପନ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିପାଇଁ ମିଳିଥିବା ୧୪ ଏକର ସରକାରୀ ଜମିକୁ ସେ ବୁଲି ଦେଖିଥିଲେ। ମାତ୍ର ଭିତ୍ତିପ୍ରସ୍ତର ସ୍ଥାପନର ୮ମାସ ବିତି ଯାଇଥିଲେ ମଧ୍ୟ ବର୍ତ୍ତମାନ ଯାଏ ଏଠାରେ କୌଣସି କାର୍ଯ୍ୟ ଆରମ୍ଭ ହୋଇନାହିଁ । ଏପରି ସ୍ଥଳେ ଉଚ୍ଚଶିକ୍ଷା ପାଇଁ ଆଶା ବାନ୍ଧିଥିବା ଉକ୍ତ ଅଞ୍ଚଳର ଛାତ୍ରୀଛାତ୍ରଙ୍କ ଆଶା ମଉଳିବାରେ ଲାଗିଛି। ଭିତ୍ତିପ୍ରସ୍ତର ସ୍ଥାପନ ସମୟରେ ଏହି ବିଦ୍ୟାଳୟ ପାଇଁ କେନ୍ଦ୍ର ସରକାର ୪୦କୋଟି ଟଙ୍କା ବ୍ୟୟ କରିବାକୁ ଲକ୍ଷ୍ୟ ରଖିଥିବା ଏବଂ ପ୍ରଥମ ପର୍ଯ୍ୟାୟରେ ଜିଲାର ପଟାଙ୍ଗି ସହ କୋଟପାଡ ଓ ଲକ୍ଷ୍ମୀପୁର ବ୍ଲକରେ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ନେଇ ଯୋଜନା କରାଯାଇଥିବା ସେତେବେଳେ କେନ୍ଦ୍ରମନ୍ତ୍ରୀ ଟୁଡୁ କହିଥିଲେ। ଏଥିସହ ପରବର୍ତ୍ତୀ ସମୟରେ ଜିଲାର ଅନ୍ୟ ୧୦ଟି ବ୍ଲକରେ ଏପରି ବିଦ୍ୟାଳୟ ସ୍ଥାପନ ପାଇଁ ଲକ୍ଷ୍ୟ ରଖାଯାଇଥିବା ସେ କହିଥିଲେ। ଏ ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରୀ ସୁନୀଲ ତାଣ୍ଡିଙ୍କୁ ପଚରାଯିବାରୁ ସେ କହିଲେ, ଉକ୍ତ ବିଦ୍ୟାଳୟର ନିର୍ମାଣ ପାଇଁ ଟେଣ୍ଡର ଶେଷ ହୋଇଛି। ମାତ୍ର ଯେଉଁ କମ୍ପାନୀ ଟେଣ୍ଡର ପାଇଛି ସେ ନିର୍ମାଣ କାର୍ଯ୍ୟ ଆରମ୍ଭ କରୁନାହିଁ ବୋଲି କହିଥିଲେ। ସେହିପରି ପୂର୍ବତନ ଏମ୍‌ପି ତଥା ଭାଜପା ରାଜ୍ୟ ଉପସଭାପତି ବଳଭଦ୍ର ମାଝୀଙ୍କୁ ପଚାରିବାରୁ ସେ କହିଲେ, ଏଯାଏ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ ନ ହେବା ଏକ ଗୁରୁତର ଘଟଣା। ଏହା ଏପର୍ଯ୍ୟନ୍ତ କାହିଁକି ଆରମ୍ଭ ହୋଇ ନାହିଁ ମୁଁ ପଚାରି ବୁଝିବି ବୋଲି କହିଥିଲେ।

## ବିପଦପୂର୍ଣ୍ଣ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର

ସୁନାବେଡ଼ା,୩।୩(କୃତ୍ତିବାସ ପ୍ରଧାନ)

ସୁନାବେଡ଼ା ପୌର ପରିଷଦ ଅଧୀନ ୫ନଂ. ୱାର୍ଡ ଗଞ୍ଜାମ କଲୋନି ଶେଷ ମୁଖ୍ୟ ରାସ୍ତାକଡ଼ରେ ଥିବା ନିତାଇ ଗୌରୀ ସଂସ୍ଥା ପରିସରରେ ବସାଯାଇଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିପଦପୂର୍ଣ୍ଣ ଅବସ୍ଥାରେ ଖୋଲାରେ ରହିଛି। ପ୍ରତ୍ୟହ ସେଠାକୁ ଅନେକ ଶ୍ରଦ୍ଧାଳୁ ଆସନ୍ତି। ଟ୍ରାନ୍ସଫର୍ମରର ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାରଗୁଡିକ ତଳେ ପଡ଼ିରହିଥିବା ଦେଖିବାକୁ ମିଳୁଛି। ସେଗୁଡ଼ିକ ଉପରେ ଘାସଲତା ମାଡ଼ିରହିଛି। ଏନେଇ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କଠାରୁ ଆରମ୍ଭ



କରି ଲୋକ ପ୍ରତିନିଧିଙ୍କୁ ବାରମ୍ବାର ଅବଗତ କରିବା ସତ୍ତ୍ୱେ କୌଣସି ସୁଫଳ ମିଳୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସୁନାବେଡ଼ା ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଗଣେଶ ଅଗ୍ରଜ ସାମନ୍ତଙ୍କୁ ପଚାରିବାରୁ ସେ କହିଲେ, କିଛି ଜାଗାରେ ଖୋଲା ରହିଥିବା ଆମର ଟ୍ରାନ୍ସଫର୍ମରଗୁଡ଼ିକୁ ଆବଦ୍ଧ କରାଯାଉଛି। ସମ୍ପୃକ୍ତ ଅଞ୍ଚଳକୁ ବୁଲି ଦେଖିବା ପରେ ଶୀଘ୍ର ନିରାପଦ ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ।

# କୋରାପୁଟ ବ୍ଲକରେ ୯୪% ଶିଶୁ ଖାଇଲେ ପୋଲିଓ ବୁନ୍ଦା



ଦାମନଯୋଡି,୩।୩ (ମାନସ ରଞ୍ଜନ କର)

ପୋଲିଓ ଦିବସ ଅବସରରେ କୋରାପୁଟ ବ୍ଲକରେ ୯୪ ପ୍ରତିଶତ ଶିଶୁଙ୍କୁ ରବିବାର ପୋଲିଓ ପ୍ରତିଷେଧକ ଟୀକା ପ୍ରଦାନ କରାଯାଇଛି। ପୋଲିଓ ବୁନ୍ଦା ଖୁଆଇବା ପାଇଁ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବ୍ଲକର ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ର,ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର,ଦାମନଯୋଡି ରେଳ ଷ୍ଟେସନ,ମାଥାଲପୁଟ ବସଷ୍ଟାଣ୍ଡ, ସିଆଇଏସଏଫ କଲୋନୀ ଆଦିରେ ମୋଟ ୭୬ଟି ବୁଥ କରାଯାଇଥିଲା। ଏଥିରେ ଜନ୍ମରୁ ୫ବର୍ଷ ବୟସର ୯୦୮୯ଜଣ ଶିଶୁଙ୍କୁ ପୋଲିଓ ଟୀକା ପ୍ରଦାନ ଲକ୍ଷ୍ୟ ରହିଛି। ପ୍ରଥମ ଦିବସରେ ୯୪ ପ୍ରତିଶତ (୮୫୭୩)ଶିଶୁଙ୍କୁ ବୁଥ ସ୍ତରରେ ପୋଲିଓ ବୁନ୍ଦା ଦିଆଯାଇଥିବା ବେଳେ ପରବର୍ତ୍ତୀ ଦୁଇଦିନ ଘରକୁ ଘର ବୁଲି ବାକି ରହିଯାଇଥିବା ଶିଶୁଙ୍କୁ ଟୀକା ପ୍ରଦାନ କରାଯିବ ବୋଲି ଜଣାଯାଇଛି। ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସୁମନ କୁମାର ଟପ୍ପୋଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିପିଏମ ନୂତନ ସିଂହ ଓ ପିଏଚଇଓ ବିଜୟ ଖିଲ ପରିଚାଳନା କରିଥିଲେ। ସାତଜଣ ସୁପରଭାଇଜର ମକର ଜାନି,ଜଗନ୍ନାଥ ବିଶ୍ୱାସରାୟ,ସୀମାଞ୍ଚଳ ପରିଡ଼ା,ଜିତେନ୍ଦ୍ର ବାହାଦୂର, ସୁଶାନ୍ତ କୁମାର ଭଞ୍ଜ,ମାନସ କୁମାର ସ୍ୱାଇଁ ଓ ୟୁସିଏଚ ଗରଡ଼ା ତଦାରଖ କରିଥିଲେ।ଜିଲ୍ଲାସ୍ତରରୁ ଅତିରିକ୍ତ ଜିଲ୍ଲା ଜନସୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ପରିଦର୍ଶନରେ ଆସିଥିଲେ। ବ୍ଲକର ଅନ୍ୟ ସମସ୍ତ ଡାକ୍ତର, କର୍ମଚାରୀ ସହଯୋଗ କରିଥିଲେ।

# ହିନ୍ଦୀ ସାକ୍ଷରତା ଅଭିଯାନରେ ସାମିଲ ହେଲେ ହିନ୍ଦୀ ଶିକ୍ଷକ

କୋରାପୁଟ,୩।୩(ଅମିତାଭ ବେହେରା)

**ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ**




ଅଭିଯାନରେ ସାମିଲ ହୋଇଥିବା ଅତିଥି ।

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରରେ ହିନ୍ଦୀ ଭାଷାର ଉନ୍ନତି ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟ ଦ୍ୱାରା ଆରମ୍ଭ ହୋଇଛି। ଏହି ହିନ୍ଦୀ ସାକ୍ଷରତା ଅଭିଯାନରେ କୋରାପୁଟ ଜିଲାର ହିନ୍ଦୀ ଶିକ୍ଷକମାନେ ସାମିଲ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ସମାବେଶରେ ହିନ୍ଦୁସ୍ଥାନ ଏରୋନାଟିକ୍ସ ଲିମିଟେଡର ପୂର୍ବତନ ଜେନେରାଲ ମ୍ୟାନେଜର ଡ. ଆଶିଷ ରାୟ, ପ୍ରଦୀପ କୁମାର ଖୋସଲା, ହିନ୍ଦୀ ଶିକ୍ଷକ ସଂଘ ସଭାପତି ଡ. ପଦ୍ମ ଚରଣ ମିଶ୍ର, ବିଜନେସ ମ୍ୟାନେଜମେଣ୍ଟର ଆସୋସିଏଟ ପ୍ରଫେସର ଡ. ଦୀପ୍ତି ଶଙ୍କର, ସମାଜବିଜ୍ଞାନର ଆସୋସିଏଟ ପ୍ରଫେସର ଡ. ପ୍ରସନଜିତ ସିହ୍ନା, ଇଂରାଜୀ ବିଭାଗର ସହକାରୀ ପ୍ରଫେସର ପ୍ରମୁଖ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ହିନ୍ଦୀ ବିଭାଗ ମୁଖ୍ୟ ଡ. ଚକ୍ରଧର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଫେସର ତ୍ରିପାଠୀ ହିନ୍ଦୀ ଭାଷା ଅଧିଗ୍ରହଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିବା ସହ ହିନ୍ଦୀ ସାକ୍ଷରତା ବୃଦ୍ଧିରେ ଶିକ୍ଷାବିତ୍‌ମାନେ ନିୟୋଜିତ ହେବାକୁ ପରାମର୍ଶ ଦେଇଥିଲେ। କୋରାପୁଟ ଜିଲାରେ ଏହି ଆନ୍ଦୋଳନର ଶୁଭାରମ୍ଭ କରିପ୍ରେଫେସର ତ୍ରିପାଠୀ ହିନ୍ଦୀ ଶିକ୍ଷାକୁ ତିନୋଟି ସ୍ତରରେ ବିଭକ୍ତ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ତାହା ହେଲା ଶିକ୍ଷାନୁଷ୍ଠାନ, କ୍ଷୁଦ୍ର ବ୍ୟବସାୟ ଏବଂ ସ୍ଥାନୀୟ ଜନସାଧାରଣ । ହିନ୍ଦୀ ସାକ୍ଷରତାର ଉପଯୋଗ କରି ସେ କୋରାପୁଟବାସୀଙ୍କ ପାଇଁ ଅଧିକ ଅର୍ଥନୈତିକ ସୁଯୋଗର ପରିକଳ୍ପନା କରିଥିଲେ। ଏହାବ୍ୟତୀତ ହିନ୍ଦୀ ଭାଷାର ପ୍ରୋତ୍ସାହନ ପାଇଁ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ଭାରତ ସରକାରଙ୍କ ପକ୍ଷରୁ ୨ କୋଟି ଟଙ୍କାର ଅନୁଦାନ ମିଳିଛି। ଏଥିରେ ଏ ହିନ୍ଦୀ ଭବନ ନିର୍ମାଣ ହୋଇପାରିବ ବୋଲି ସେ କହିଥିଲେ।

## ସଲପ ତାଡ଼ି ଚୋରାଚାଲାଣ, ଜଣେ ଗିରଫ

ଜୟପୁର, ୩।୩ (ପବନ ପାଣିଗ୍ରାହୀ)

ସଲପ ତାଡ଼ି ଚୋରାଚାଲାଣ ବେଳେ ଜୟପୁର ଅବକାରୀ ଥାନା ପୋଲିସ ରବିବାର ଚଢ଼ାଉକରି ଜଣଙ୍କୁ ଗିରଫ କରିଛି । ସେ ହେଲେ ଭାଲୁଗୁଡା ଗ୍ରାମର ପ୍ରସାଦ ପରଜା। ପ୍ରସାଦ ଏକ ବାଇକ୍‌ରେ ସଲପ ତାଡି ନେଇ ଯାଉଥିବା ଖବରପାଇ କର୍ମଚାରୀମାନେ ବାଲିଆ ଛକରେ ଚଢାଉ କରି ତାଙ୍କୁ ଧରିଥିଲେ। ତାଙ୍କଠାରୁ ୫୦ ଲିଟର ସଲପ ତାଡି ଓ ବାଇକ ଜବତ ହୋଇଛି। ଗିରଫ ପରେ ପ୍ରସାଦଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## କମ୍ପ୍ୟୁଟର ଛାତ୍ରୀ ନିଖୋଜ,ଥାନାରେ ମାମଲା

ସେମିଳିଗୁଡା/ସୁନାବେଡା,୩।୩
(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ସେମିଳିଗୁଡା ଅଞ୍ଚଳର ଏକ ଭଡ଼ା ଘରେ ରହି କମ୍ପ୍ୟୁଟର ପାଠ ପଢୁଥିବା ଜଣେ ଛାତ୍ରୀ ୧୧ ଦିନ ହେବ ନିଖୋଜ ଅଛନ୍ତି। ଯାହାକୁ ନେଇ ମା'ବାପା ମା ଥାନାରେ ଅଭିଯୋଗ କରିଛନ୍ତି। ଖବରରୁ ଜଣାପଡିଛି, ମୁତାବକ ମାଛକୁଣ୍ଡ ଥାନା ବାଦିଗଡ ଗ୍ରାମର ଦେବ ଖିଲଙ୍କ ଝିଅ ପୂର୍ଣ୍ଣ ଖିଲ(୧୮) ଗତ ୧୧ ଦିନ ହେବ ନିଖୋଜ ରହିଥିବା ଜଣାପଡିଛି। ଏନେଇ ପୂର୍ଣ୍ଣଙ୍କ ବାପା ଶୁକ୍ରବାର ସେମିଳିଗୁଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗତ ୩ ମାସ ହେବ ପୂର୍ଣ୍ଣ ସେମିଳିଗୁଡା ଖଣ୍ଡିଆ ସାହିରେ ଏକ ଭଡା ଘରେ ସାଥୀମାନଙ୍କ ସହିତ ରହୁଥିଲେ। ଏଠାରେ ଏକ କମ୍ପ୍ୟୁଟର ଶିକ୍ଷା ଅନୁଷ୍ଠାନରେ ସେ ପଢୁଥିଲେ । ତେବେ ଗତ ୨୨ ତାରିଖରୁ ଛାତ୍ରୀ ଜଣକ ସେମିଳିଗୁଡାରୁ ବାହାରି ଗାଁକୁ ଯାଉଥିବା କହି ଯାଇଥିଲେ । ମାତ୍ର ସାଙ୍ଗମାନେ ଗତ ୨୯ରେ ପୂର୍ଣ୍ଣଙ୍କ ପରିବାର ଲୋକଙ୍କୁ ଫୋନ କରି ପୂର୍ଣ୍ଣଙ୍କ ଫୋନ ଲାଗୁ ନ ଥିବା କହିବା ସହ ସେ ସେମିଳିଗୁଡା ଆସିବେ କି ନାହିଁ ପଚାରି ବୁଝିଥିଲେ । ସାଙ୍ଗସାଥୀଙ୍କ ଏଭଳି ଫୋନ ପାଇ ପରିବାର ଲୋକେ ପୂର୍ଣ୍ଣଙ୍କୁ ଫୋନ କରିଥିଲେ ହେଲେ ତାଙ୍କ ଫୋନ ବନ୍ଦ ରହିଥିଲା । ପରେ ସବୁ ଆଡେ ଖୋଜା ଖୋଜି କରିବା ପରେ ଝିଅକୁ ନ ପାଇ ସେମିଳିଗୁଡା ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଥିଲେ । ସେମିଳିଗୁଡା ଥାନା କେସ ନଂ. ୩/୨୪ରେ ଏକ ନିଖୋଜ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଏଏସଆଇ ଭିଡିଏଚ ମାଝୀ କହିଛନ୍ତି।

# ଫାଇନାଲରେ ମାଇନ୍ସ ଦଳ ବିଜୟୀ

ଦାମନଯୋଡି,୩।୩ (ମାନସ ରଞ୍ଜନ କର)

**ନାଲ୍‌କୋ ଅନ୍ତଃବିଭାଗୀୟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ**



ଅତିଥିଙ୍କ ଗହଣରେ ଖେଳାଳିମାନେ ।

ଫେବୃଆରୀ ୨୪ତାରିଖରୁ ଟାଉନସିପସ୍ଥିତ ଆମ୍ବେଡକର ଷ୍ଟାଡିୟମଠାରେ ଅନୁଷ୍ଠିତ ନାଲ୍‌କୋ ଖଣି ଓ ପରିଶୋଧନ ପ୍ରକଳ୍ପର ଅନ୍ତଃବିଭାଗୀୟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ ଇଲେକ୍ଟ୍ରିକାଲ ଓ ସିଆଣ୍ଡଆଇ ଏବଂ ମାଇନ୍ସ ଦଳ ମଧ୍ୟରେ ହୋଇଥିଲା। ଏଥିରେ ମାଇନ୍ସ ଦଳ ଚାମ୍ପିୟନ ହେଇଥିବା ଜଣାପଡିଛି। ୩୦ଓଭର ବିଶିଷ୍ଟ ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ମାଇନ୍ସ ଦଳ ବ୍ୟାଟିଂ କରି ୪ ଉଇକେଟ୍ ହରାଇ ୨୧୭ ରନ କରିଥିଲା। ଇଲେକ୍ଟ୍ରିକାଲ ସିଆଣ୍ଡଆଇ ଦଳ ୨୫.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୨୯ ରନ କରିଥିଲା। ମାଇନ୍ସ ଦଳ ପକ୍ଷରୁ ଶିଶିର ତିର୍କି ୬୧ ବଲରେ ୬୮ ରନ ଏବଂ ସବିର ପ୍ରଧାନ ୩୭ ବ୍ଲକରେ ୫୯ ରନ ସଂଗ୍ରହ କରିଥିଲେ। ସେହିପରି ଇଲେକ୍ଟ୍ରିକାଲ ସିଆଣ୍ଡଆଇ ଦଳ ପକ୍ଷରୁ ସୁଧାର ଡୁଙ୍ଗଡୁଙ୍ଗ ୬ ଓଭରରେ ୩୨ ରନ ଦେଇ ୧ ଉଇକେଟ ଦେଇ ରବିନ୍ଦ୍ର ଭୋତ୍ରା ୫ ଓଭରରେ ୩୨ ରନ କରିଥିଲେ। ସେହିପରି ଇଲେକ୍ଟ୍ରିକାଲ ସିଆଣ୍ଡଆଇ ଦଳର ମହମ୍ମଦ ସିଦ୍ଦିକ ଅପରାଜିତ ରହି ୪୨ ରନ ଏଂ ମଧୁସୂଦନ ସିଂ ୭ ବଲ୍‌ରେ ୨୦ ରନ ସଂଗ୍ରହ କରିଥିଲେ। ମାଇନ୍ସ ଦଳ ପକ୍ଷରୁ ପ୍ରତାପ ସାହୁ ୬ ଓଭରରେ ୨୪ ରନ ଦେଇ ୩ ଉଇକେଟ, ସମୀର ସୌରଭ ସିଂ ୬ ଓଭରରେ ୨୨ ରନ ଦେଇ ୨ ଉଇକେଟ ହାସଲ କରିଥିଲେ। ମାଇନ୍ସ ଦଳର ସବିର ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ରୂପେ ବିବେଚନା କରାଯାଇଥିଲା। ଏହା ବ୍ୟତୀତ ଶିଶିର ତିର୍କିଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ଅଜୟ ପାଲ ସୋରିଙ୍କୁ ଶ୍ରେଷ୍ଠ ବୋଲର ରିତିଶ ମଲ୍ଲିକଙ୍କୁ ଶ୍ରେଷ୍ଠ ଅଲରାଉଣ୍ଡର ଏବଂ ସବିର ପ୍ରଧାନଙ୍କୁ ମୋଷ୍ଟ ଭାଲୁଏବଲ ପ୍ଲେୟାର ଭାବେ ପୁରସ୍କୃତ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଚଳିତବର୍ଷ ଇଲେକ୍ଟ୍ରିକାଲ ଏବଂ ସିଏଣ୍ଡଆଇ,ଏସ୍‌ପିପି, ମେକାନିକାଲ ,ମାଇନ୍ସ ଓ ଅପରେଶନ ଦଳ ଭାଗ ନେଇଥିଲେ। ନାଲ୍‌କୋର ସମୂହ ମହାପ୍ରବନ୍ଧକପ୍ରମୋଦବେହେରା,ଅମରେନ୍ଦ୍ର ମିଶ୍ର, ପୁରୁଷୋତ୍ତମ ମହନ୍ତ, ଭି.ଏସ.ଏସ. ଆନନ୍ଦ, ନିହାର ରଞ୍ଜନ ମହାନ୍ତି, କମଳ ଲୋଚନ ଜେନା, ମହାପ୍ରବନ୍ଧକ ସରୋଜ ନାଥ, ଆଶିଷ ସେନାପତି ପ୍ରମୁଖ ଅତିଥି ରୂପେ ଯୋଗଦେଇ ଖେଳାଳିମାନଙ୍କୁ ଟ୍ରଫି ଓ ପୁରସ୍କାର ବିତରଣ କରିଥିଲେ। ସେହିପରି ନାଲକୋର ବିଭିନ୍ନ ଶ୍ରମିକ ସଙ୍ଗଠନ, ୟୁନିୟନ ଓ ଆସୋସିଏଶନ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ନାମେଣ୍ଟକୁ ଡ. ରମେଶ ଚନ୍ଦ୍ର ସ୍ୱାଇଁ ଓ ତୁଷାରକାନ୍ତ ପଣ୍ଡା ଅମ୍ପାୟର ରୂପେ, ନିର୍ମଳ ରାଉତ ମ୍ୟାଚ ରେଫରି , ବସନ୍ତ ପଣ୍ଡା ଓ ସୁରେଶ ମାଣିଆ ସ୍କୋରର ରୂପେ ଦାୟିତ୍ୱ ତୁଲାଇଥିଲେ। ସୁଶାନ୍ତ କର ପୁରସ୍କାର ବିତରଣ ଉତ୍ସବରେ ସଂଯୋଜନା କରିଥିଲେ। ମନୋଜ ପୃଷ୍ଟି ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ନାଲ୍‌କୋ ସ୍ପୋର୍ଟସ ସେଲ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ସ୍ପୋର୍ଟସ ସେଲ ଅଧିକାରୀ ଅରୁଣ ମହାନ୍ତିଙ୍କ ସହ ଆଲୋକ ଚନ୍ଦ୍ର ଚୌଧୁରୀ, ଶ୍ରୀକାନ୍ତ ସାହୁ, ଶୁଭ୍ରଜିତ ଜେନା, ସମୀର ସିଂ, ଟଙ୍କଧର ଖିନବୁଡ଼ି, ସମୀର ବେହିଆ, ଦିଲୀପ ନାୟକ, ମହେନ୍ଦ୍ର ନାୟକ, ରଶ୍ମିରଞ୍ଜନ ପଣ୍ଡା, ମହେଶ୍ୱର ସେଠୀ, ଶିବନାଥ ସିଂ, ଲାବଣ୍ୟ ଖରା, ସୂର୍ଯ୍ୟ ନାରାୟଣ ମହାନ୍ତି, ସୌକତ ଅଲ୍ଲୀ, ପ୍ରତାପ ଟାକ୍ରି,ରାଜେନ୍ଦ୍ର ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଆଜିଠୁ ଜିଲାସ୍ତରୀୟ ଜନଜାତି କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମ

**ନବରଙ୍ଗପୁର,୩।୩(ସଦାଶିବ ପ୍ରହରାଜ)**

■ ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟାଙ୍କ ଖବରଦାତା ସମ୍ମିଳନୀ
■ ମିନି ମାରାଥନରେ ଯୋଗଦେବେ ଦୂତୀ ଚାନ୍ଦ

ନବରଙ୍ଗପୁରସ୍ଥିତ ନୂତନ ମଣ୍ଡେଇ ପଡ଼ିଆଠାରେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ୪ରୁ ୬ ତାରିଖ ପର୍ଯ୍ୟନ୍ତ ଜିଲାସ୍ତରୀୟ ଜନଜାତି ସାଂସ୍କୃତିକ ଓ କ୍ରୀଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏ ନେଇ ସ୍ଥାନୀୟ ସର୍କିଟ ହାଉସ୍ ସମ୍ମିଳନୀ କକ୍ଷରେ ନବରଙ୍ଗପୁର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ପ୍ରଦୀପ କୁମାର ମାଝି ସମ୍ମିଳନୀରେ କହିଥିଲେ, ନବରଙ୍ଗପୁର ଜିଲାରେ ୧୩ଟି ଜନଜାତି ରହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପରିଚୟ ସୃଷ୍ଟି ହୋଇପାରିଛି। ପ୍ରଥମ ପର୍ଯ୍ୟାୟରେ ୩୩୪ ପ୍ରକଳ୍ପ ହାତକୁ ନିଆଯାଇ ଜଙ୍ଗଲ, ଜମି ଓ ଝରଣା ସୁରକ୍ଷା ଦିଗରେ କାର୍ଯ୍ୟ କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ୪୯୫ ପ୍ରକଳ୍ପର ଉନ୍ନତି କରାଯାଇଛି । ୧୭୬ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ଏଥର ଏହାକୁ ଦ୍ୱିଗୁଣିତ କରି ଦିଆଯାଇଛି । ସେହିଭଳି ଜନଜାତିଙ୍କ ପାଇଁ ଜିଲାର ବ୍ଲକସ୍ତରରେ ପଞ୍ଚାୟତ ଗୋଷ୍ଠୀ ଗୃହ ନିର୍ମାଣ ପାଇଁ ଅନୁଦାନ ଯୋଗାଇ ଦିଆଯାଇଛି ।



ଖବରଦାତା ସମ୍ମିଳନୀରେ ପ୍ରଦୀପ କୁମାର ମାଝିଙ୍କ ସହ ଅନ୍ୟମାନେ ସୂଚନା ଦେଉଛନ୍ତି।

ସୋମବାର ସ୍ଥାନୀୟ ପୁରୁଣା ମଣ୍ଡେଇ ପଡ଼ିଆଠାରୁ ନୂତନ ମଣ୍ଡେଇ ପଡ଼ିଆ ପର୍ଯ୍ୟନ୍ତ ଏକ ମିନି ମାରାଥନ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଧାବିକା ଦୂତୀ ଚାନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ମଙ୍ଗଳବାର ଜନଜାତି କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ କ୍ରୀଡ଼ା ସାମଗ୍ରୀ, ସାଂସ୍କୃତିକ ପୋଷାକ, ବାଦ୍ୟଯନ୍ତ୍ର ବଣ୍ଟନ କରାଯିବା କାର୍ଯ୍ୟକ୍ରମ ରହିଛି । ଏହାସହ ସର୍କିଟ ହାଉସ୍ ନିକଟ ପଡ଼ିଆରେ ଫୁଟ୍‌ବଲ, ନବରଙ୍ଗପୁର କଲେଜ କଳାହାଣ୍ଡି ଖେଳ ପଡ଼ିଆଠାରେ କ୍ରିକେଟ, ଏକଲବ୍ୟ ବିଦ୍ୟାଳୟ ପଡିଆଠାରେ କବାଡ଼ି, ଖୋକୋ, ଭଲିବଲ ଓ ତାରନ୍ଦାଜୀ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଉଦ୍‌ଯାପନୀ ଦିବସରେ ଅପରାହ୍ନ ୩ ଟାରେ ସ୍ଥାନୀୟ ରାମମନ୍ଦିର ନିକଟରୁ ପୋଲିସ ପଡିଆ ପର୍ଯ୍ୟନ୍ତ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହେବ। ସନ୍ଧ୍ୟାରେ ଏ ନେଇ ସ୍ଥାନୀୟ ନୂତନ ମଣ୍ଡେଇ ପଡ଼ିଆଠାରେ ଏକ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯିବ। ଶେଷଦିନର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇନମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେବା କାର୍ଯ୍ୟକ୍ରମ ରହିଛି। ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ରାଜ୍ୟ ସଭା ସଦସ୍ୟ ମୁନା ଖାଁ, ଡାବୁଗାଁ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ମନୋହର ରନ୍ଧାରି, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ବିଜୁ କେବିକେ ଉପଦେଷ୍ଟା ଶୁକଦେବ ଗଣ୍ଡ, ଜିଲା ପରିଷଦ ଅଧ୍ୟକ୍ଷ ମୋତିରମ ନାୟକ, ଓଠା ଜଳସେଚନ ନିଗମ ଉପଦେଷ୍ଟା ପ୍ରମୋଦ ପାଢ଼ୀ ଯୋଗଦେବେ। ସେହିଭଳି ଏସ୍‌ପି ରୋହିତ ବର୍ମା, ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ନବୀନ ଚନ୍ଦ୍ର ନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର ପ୍ରମୁଖ ଯୋଗଦେବେ । ଏହା ବ୍ୟତୀତ ସିନେ ତାରକା ସବ୍ୟସାଚୀ ମିଶ୍ର, ଅର୍ଚ୍ଚିତା ସାହୁ, ପଶ୍ଚିମ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଅର୍ଚ୍ଚନା ପାଢ଼ୀ, ଉମାକାନ୍ତ ବାରିକ, ପଙ୍କଜ ତାଣ୍ଡି ଯୋଗଦେଇ ଉପସ୍ଥିତ ଲୋକଙ୍କୁ ମନୋରଞ୍ଜନ କରିବା କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ୧୦ ହଜାର ଲୋକଙ୍କ ସମାଗମ ହେବା ଲକ୍ଷ୍ୟ ରଖିଛି ସ୍ୱତନ୍ତ୍ର ଉନ୍ନୟନ ପରିଷଦ। ଖବରଦାତା ସମ୍ମିଳନୀରେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ, ନଗର ସଭାପତି ପ୍ରମୋଦ ରଥ, ବାବୁଲି ମିଶ୍ର, ଉତ୍ତମ ତ୍ରିପାଠୀ, ଅଖିଳ ଭତ୍ରା, ସରୋଜ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଯାତ୍ରା ଦେଖି ଫେରିବାବେଳେ ଦୁର୍ଘଟଣା, ଯୁବତୀ ମୃତ

**କୋଡ଼ିଙ୍ଗା, ୩।୩ (ସମରେନ୍ଦ୍ର ପଟ୍ଟନାୟକ)**

ମଣ୍ଡେଇ ଯାତ୍ରା ଦେଖି ଫେରୁଥିବାବେଳେ ନବରଙ୍ଗପୁର ଜିଲା କୋଡ଼ିଙ୍ଗା ନିକଟସ୍ଥ ଦଡ଼ିଆ ମାଝିଗୁଡା ଛକ ନିକଟରେ ଏକ ଅଟୋ ସହ ବାଇକ୍ ଦୁର୍ଘଟଣା ହେବାରୁ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ କୋଡ଼ିଙ୍ଗାର ରେବତୀ ନାୟକ। ଅନ୍ୟ ଜଣ ଗୁରୁତରଙ୍କୁ କୋରାପୁଟ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ କେମରାଜ ଭତ୍ରା ଓ ସଂଯୁକ୍ତା ଚଲାଣ।

ପ୍ରକାଶ ଯେ, କୋଡ଼ିଙ୍ଗାର ୪ଜଣ ମହିଳା ଶନିବାର ରାତିରେ କୋଷଗୁମୁଡା ମଣ୍ଡେଇ ଯାତ୍ର ଦେଖି ଏକ ଅଟୋରେ ଫେରୁଥିଲେ। ଦଡ଼ିଆ ମାଝିଗୁଡା ଛକ ନିକଟରେ ସାମ୍ନାରୁ ଆସୁଥିବା ଏକ ବାଇକ୍ ଧକ୍କା ଦେବାରୁ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଅଟୋରେ ବସିଥିବା ୨ଜଣ ଯୁବତୀ ଏବଂ ମୋଟର ସାଇକେଲ ଚାଳକ ଗୁରୁତର ଆହତ ହୋଇଛନ୍ତି। ଗୁରୁତରଙ୍କୁ ଆମ୍ବୁଲାନ୍ସ ଯୋଗେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ରେବତୀ ନାୟକଙ୍କ ମୃତ୍ୟୁ ଘଟିଛି। ଖବର ପାଇ କୋଡ଼ିଙ୍ଗା ପୋଲିସ ଏକ ମାମଲା ନଂ. ୪୫/୨୪ ରୁଜୁକରି ଶବ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ମୋଟର ସାଇକେଲ ଏବଂ ଅଟୋକୁ ଜବତକରି ଅଧିକ ତଦନ୍ତ କରୁଥିବା କୋଡ଼ିଙ୍ଗା ଥାନା ଏସ୍‌ଆଇ ବିକ୍ରମ ସାହୁ କହିଛନ୍ତି।

## ମୋବାଇଲ ଫାଟି ନାବାଳକ ଆହତ

**ଡାବୁଗାଁ, ୩।୩ (ପ୍ରଜ୍ଞାରଞ୍ଜନ ପରିଡା)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ଜୟନ୍ତୀନଗର ଗ୍ରାମରେ ରବିବାର ଅପରାହ୍ନରେ ମୋବାଇଲ ଫାଟି ଜଣେ ନାବାଳକ ଆହତ ହୋଇଛନ୍ତି। ଆହତ ନାବାଳକ ହେଲେ ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ଜୟନ୍ତୀନଗର ଗ୍ରାମର ଦଶରଥ ଗୌଡଙ୍କ ପୁଅ ଭଗବାନ ଗୌଡ (୧୫)। ରବିବାର ଅପରାହ୍ନ ୪ ଟାରେ ଭଗବାନ ଖେଳ ପଡିଆରେ ବସି ମୋବାଇଲରେ ଖେଳୁଥିବା ସମୟରେ ହଠାତ୍ ମୋବାଇଲଟି ଫାଟିଯାଇଥିଲା। ଫଳରେ ନାବାଳକଙ୍କ ୨ ହାତ ଓ ୨ ଗୋଡ଼ରେ ଗଭୀର ଆଘାତ ଲାଗିଛି। ଖେଳ ପଡ଼ିଆରେ ଥିବା ଅନ୍ୟ ପିଲାମାନେ ନାବାଳକଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବରପାଇ ନାବାଳକଙ୍କ ଭାଇ ଓ ମା’ ଘଟଣାସ୍ଥଳରେ ପହଞ୍ଚି ଭଗବାନଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ନାବାଳକଙ୍କ ଅବସ୍ଥା ଭଲ ଥିବା ସୂଚନା ମିଳିଛି ।


ଆହତ ଭଗବାନ ଗୌଡ଼ ।

## ବିପୁଳ ପରିମାଣର ଗଞ୍ଜେଇ ଜବତ ୪ ଗିରଫ

**ଚିତ୍ରକୋଣ୍ଡା,୩।୩(କ୍ଷୀରୋଦ ବେହେରା)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପୋଲିସ ଦ୍ୱାରା ୧୦୪ କେଜି ଗଞ୍ଜେଇ ଜବତ ସହ ଏଥିରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏନେଇ ନଂ ୬୦/୨୪ ଓ ୦୧/୨୪ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇ ଗଞ୍ଜେଇ ଚୋରାଚାଲାନ ଅଭିଯୋଗରେ ହର ଖେମୁଡୁ, ଉଦ୍ଧବ ଖେମୁଡୁ, ରବି ଖରା ଓ ଖଗପତି ଖେମୁଡୁଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା




ଥାନା ଅଧିକାରୀ ମୁକୁନ୍ଦ ମେଲେକା ସୂଚନା ଦେଇଛନ୍ତି।ସୂଚନା ଅନୁଯାୟୀ, ଚିତ୍ରକୋଣ୍ଡା ପୋଲିସର ଏକ ଟିମ୍ ରାତ୍ରି ପାଟ୍ରୋଲିଂ ଓ ଯାନବାହନ ଯାଞ୍ଚ ସମୟରେ ଟ୍ରାକ୍ଟର ନଂ (ଓଡି ୩୦ଡି ୫୨୧୩)କୁ ସନ୍ଦେହରେ ଅଟକାଇଥିଲା। ତାର କାଗଜପତ୍ର ଯାଞ୍ଚ ସମୟରେ ଟ୍ରାକ୍ଟର ପଛରେ ଥିବା ଟ୍ରଲିରେ ୪ ଜରି ପ୍ୟାକେଟରେ ଗଞ୍ଜେଇ ଭର୍ତ୍ତି ହୋଇଥିବା ଜଣାପଡିଥିଲା। ପୋଲିସ ଘଟଣାସ୍ଥଳରୁ ଟ୍ରାକ୍ଟରକୁ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ଜବତ ଗଞ୍ଜେଇକୁ ଓଜନ କରାଯିବା ପରେ ତାହା ୧୦୪ କେଜି ଥିବା ଜଣାପଡିଥିଲା। ଗଞ୍ଜେଇ ଆନ୍ଧ୍ର ଚାଲାଣ ହେଉଥିଲା ବୋଲି ପୋଲିସ ସୂଚନା ଦେଇଛି।

## ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ନିର୍ବାଚନ


ନୂତନ ପଦାଧିକାରୀଙ୍କୁ ଶପଥ ପାଠ କରୁଛନ୍ତି।

**ଉମରକୋଟ,୩।୩ (ସନ୍ତୋଷ ଶତପଥୀ)**

ଉମରକୋଟସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟଠାରେ ଉମରକୋଟ ବ୍ଲକସ୍ଥିତ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ସାଂଗଠନିକ ନିର୍ବାଚନ ଅନୁଷ୍ଠିତ ହୋଇଛି। ନିର୍ବାଚନ ଅଧିକାରୀ ଭାବେ ରତନ ମାଝି, ଗୋପୀନାଥ ମହାନ୍ତି ଓ ରାଜେଶ୍ୱରୀ ପଟ୍ଟନାୟକ ଯୋଗଦେଇଥିଲେ। ନିର୍ବାଚନରେ ସଭାପତି ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସପନ କୁମାର ସରକାର ଓ ହେମନ୍ତ କୁମାର ଜେନା ସମାନ ସଂଖ୍ୟକ ଭୋଟ ପାଇଥିବାରୁ ପ୍ରଥମ ଦେଢ଼ ବର୍ଷ ସପନ ଓ ପରବର୍ତ୍ତୀ ଦେଢ଼ ବର୍ଷ ହେମନ୍ତ ସଭାପତି ଭାବେ କାର୍ଯ୍ୟ ତୁଲାଇବେ ବୋଲି ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ନିଷ୍ପତ୍ତି ହୋଇଥିଲା। ପ୍ରଥମ ଦେଢ଼ବର୍ଷ ସଭାପତି ଭାବେ ସପନ ରହିବେ ଓ କାର୍ଯ୍ୟକାରୀ ସଭାପତି ଭାବରେ ହେମନ୍ତ କୁମାର ଜେନା ରହିବେ । ସେହିପରି ପରବର୍ତ୍ତୀ ଦେଢବର୍ଷ ହେମନ୍ତ ସଭାପତି ରହିବେ ଓ ସପନ କାର୍ଯ୍ୟକାରୀ ସଭାପତି ରହିବେ ବୋଲି ନିଷ୍ପତ୍ତି ନିଆଯାଇଛି। ସେହିପରି ଉପସଭାପତି ଭାବରେ ରତିକାନ୍ତ ପୂଜାରୀ ଓ ନମିତା ବିଶ୍ୱାସ, ସାଧାରଣ ସମ୍ପାଦକ ଭାବେ ସନଧର ମାଝି, ସହ ସମ୍ପାଦକ ଦିବ୍ୟଜୀବନ ସୁନାନି, ସୁରେଶ ଚନ୍ଦ୍ର ଆଲଟିଆ ଓ ବୀଣାପାଣି ହାଲ୍‌ଦାର ଓ ଉମରକୋଟ ବ୍ଲକ ସଂଯୋଜକ ଭାବେ ବଙ୍କିମ ମଣ୍ଡଳ ମନୋନୀତ ହୋଇଛନ୍ତି। ନିର୍ବାଚନ ସମୟରେ ଏଯୁପିଟିଏଫ୍‌ର ରାଜ୍ୟ ସଭାପତି ରମଣୀ ରଞ୍ଜନ ତ୍ରିପାଠୀ, ଜିଲା ସଭାପତି ସନତ ପ୍ରହରାଜ, ଜିଲା ସାଧାରଣ ସମ୍ପାଦକ କ୍ଷେତ୍ର ମୋହନ ବିଷୋୟୀ, ଜିଲା ଉପ ସଭାପତି ସପନ କୁମାର ରାୟ ଓ ଜିଲା ସଂଯୋଜକ ଫନୀନ୍ଦ୍ର ଗାଇନ ଉପସ୍ଥିତ ଥିଲେ। ନିର୍ବାଚନରେ ଉମରକୋଟ ବ୍ଲକର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ପ୍ରାଥମିକ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ଥିଲେ। ସେହିପରି ରାଜ୍ୟ ସଭାପତି ସମସ୍ତ ନୂତନ ପଦାଧିକାରୀଙ୍କୁ ଶପଥ ପାଠ କରାଇଥିଲେ।

## ଗଞ୍ଜେଇ ଚାଲାଣ ମାମଲା ଫେରାର ଅଭିଯୁକ୍ତ ଗିରଫ

**ବାଲିମେଳା,୩।୩(ଶିବଦତ୍ତ ସାହୁ)**

୨୦୨୧ରେ ବାଲିମେଳାର ସୁଧାକର ଦଳେଇ(୨୩) ଗଞ୍ଜେଇ ଚୋରା ଚାଲାଣ ବେଳେ ଅବକାରୀ ବିଭାଗ ଦ୍ୱାରା ଗିରଫ ହୋଇଥିଲେ। ଏ ନେଇ ନଂ. ୧୪/୨୧ରେ ମାମଲା ରୁଜୁହୋଇ ଜେଲ ଯାଇଥିଲେ। ପରେ ଜାମିନରେ ଆସି କୋର୍ଟରେ ହାଜର ନ ହୋଇ ଲୁଚି ବୁଲୁଥିଲେ। ପରେ କୋର୍ଟ ପଳାତକ ଘୋଷଣା କରି ଗିରଫ କରିବା ପାଇଁ ୱାରେଣ୍ଟ ନିର୍ଦ୍ଦେଶ ଦେଇଥିଲେ। ଓର୍କେଲ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ପକ୍ଷରୁ ଏକ ଟିମ୍ ଗଠନ କରାଯାଇ ଅଭିଯୁକ୍ତ ସୁଧାକରଙ୍କୁ ଗିରଫ କରିବା ପାଇଁ ଯୋଜନା କରିଥିଲେ। ରାୟଗଡ଼ା ଜିଲା ଗୁଣପୁର ଅଞ୍ଚଳରେ ଥିବା ଜାଣି ଶନିବାର ପୋଲିସ ଟିମ୍ ସେଠାରୁ ସୁଧାକରଙ୍କୁ ଗିରଫକରି ରବିବାର କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ପଟ୍ଟନାୟକ କହିଛନ୍ତି ।

## ଶିଶୁ ବିଭାଗ ଛାତରୁ ଖସିଲା ସିଲିଂ


ଶିଶୁ ୱାର୍ଡ ଛାତରୁ ସିଲିଂ ଖସିପଡ଼ିଛି।

**ନବରଙ୍ଗପୁର,୩।୩(ସଦାଶିବ ପ୍ରହରାଜ)**

■ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା
■ ୨ ଦିନ ପୂର୍ବେ ଆଉଟ ବର୍ନ ୟୁନିଟ୍‌ରୁ ବାହାରିଥିଲା ଧୂଆଁ

ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରହିଥିବା ମାତୃ ଓ ଶିଶୁ ଯତ୍ନ କେନ୍ଦ୍ରର ୨ୟ ମହଲାରେ ଥିବା ଶିଶୁ ୱାର୍ଡ ଛାତରୁ ରବିବାର ସିଲିଂ ଖସି ପଡ଼ିଛି। ଉକ୍ତ ସିଲିଂ ଖଣ୍ଡଟି ବେଡର ତଳ ପାର୍ଶ୍ୱରେ ପଡିଥିବାରୁ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ଚିକିତ୍ସିତ ହେଉଥିବା ଶିଶୁ ଓ ମହିଳା। ସେହିପରି ୧ ତାରିଖ ରାତିରେ ସେହି କୋଠାର ଏସ୍‌ଏନସିୟୁର ଆଉଟବର୍ନ ୟୁନିଟର ଏକ ସ୍ୱିଚ ବୋର୍ଡରୁ ନିଆଁ ଓ ଧୂଆଁ ବାହାରିଥିଲା। ଖବରପାଇ ତୁରନ୍ତ ଦାୟିତ୍ୱରେ ଥିବା କର୍ମଚାରୀମାନେ ଶର୍ଟସର୍କିଟକୁ ଆୟତ୍ତ କରିଥିଲେ ବୋଲି ଜଣାପଡିଛି। ତେବେ ସେ ସମୟରେ ଉକ୍ତ ୱାର୍ଡରେ ରହିଥିବା ସମସ୍ତ ନବଜାତ ଶିଶୁଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଗତ ୬ ବର୍ଷ ପୂର୍ବେ ଏହି ୨ ମହଲା ବିଶିଷ୍ଟ କୋଠା କାର୍ଯ୍ୟକ୍ଷମ ହୋଇଥିଲେ ମଧ୍ୟ ୨ୟ ମହଲାର ଛାତରୁ ପାଣି ଲିକ୍ ହେଉଛି। ଫଳରେ ସିଲିଂ ଖରାପ ହୋଇଯାଇଥିବାରୁ ବହୁ ସ୍ଥାନରେ ଖସି ପଡିବା ଅବସ୍ଥାରେ ରହିଛି। ଏହି ୱାର୍ଡରେ ଶିଶୁ ଓ ମହିଳାମାନେ ରହି ଚିକିତ୍ସିତ ହେଉଥିବାବେଳେ କେତେବେଳେ ଯେ ଅଘଟଣ ନ ଘଟିବ କହିହେବ ନାହିଁ। ଏହି କୋଠା କାର୍ଯ୍ୟକ୍ଷମ ହୋଇ ୬ ବର୍ଷ ନ ପୂରୁଣୁ ଯଦି କୋଠାର ଏପରି ଅବସ୍ଥା ଦେଖାଦେଇଛି ତେବେ ଏହି କୋଠାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ ଉଠିଛି।

## ବ୍ଲକ୍ ଗୋଦାମରେ ପଶି ଚୋରି ଉଦ୍ୟମ

**କାଲିମେଳା, ୩।୩(ଜୀବନ କୃଷ୍ଣ ଦାସ)**

■ ୭ ଆନ୍ତଃରାଜ୍ୟ ମହିଳା ଗ୍ୟାଙ୍ଗ୍ ଅଟକ

କାଲିମେଳା ବ୍ଲକ୍ ଗୋଦାମ ଗୃହରୁ ତାଲା ଭାଙ୍ଗି ଚୋରି ଉଦ୍ୟମ କରୁଥିବା ୭ ଆନ୍ତଃ ରାଜ୍ୟ ବୁଲା ବିକାଳି ମହିଳା ଗ୍ୟାଙ୍ଗ୍‌କୁ ଲୋକେ ଅଟକ ରଖି ରବିବାର କାଲିମେଳା ପୋଲିସକୁ ହସ୍ତାନ୍ତର କରିଥିବା ଦେଖିବାକୁ ମିଳିଛି। କାଲିମେଳା ପୋଲିସ ମହିଳାଙ୍କୁ ଥାନାରେ ଅଟକ ରଖି ଅଧିକ ପଚାରଉଚରା କରୁଥିବା ଜଣାପଡ଼ିଛି ।

ପ୍ରକାଶ ଯେ, ରବିବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ କାଲିମେଳା ପଞ୍ଚାୟତ ପଛପଟେ ଥିବା ବ୍ଲକ ଗୋଦାମ ଗୃହରୁ ଏହି ଚୋରି ଉଦ୍ୟମ ହୋଇଛି । ଘର ଘର ବୁଲି ବିଭିନ୍ନ ଜିନିଷପତ୍ର ବିକ୍ରି କରିବାକୁ ଆସୁଥିବା ୭ ଆନ୍ତଃ ରାଜ୍ୟ ମହିଳା ଗୋଦାମଗୃହର ତାଲା ଭାଙ୍ଗି ଭିତରୁ ପଶି ଚୋରି ଉଦ୍ୟମ କରୁଥିବା ସମୟରେ ପଞ୍ଚାୟତ ପିଅନ ସୁଧାଂଶୁ ଭଣ୍ଡାରି ଏହା ଦେଖି ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ । ମହିଳାଙ୍କ ମଧ୍ୟରୁ କେତେଜଣ ଗୋଦାମ ଗୃହରେ ପ୍ରବେଶ କରିଥିବା ବେଳେ ଅନ୍ୟ କେତେଜଣ ସଦସ୍ୟ ବାହାରେ ଜଗି ରହିଥିଲେ । ଏହା ଜାଣିପାରି ମହିଳାମାନେ ସେଠାରୁ ଖସିଯିବାକୁ ଉଦ୍ୟମ କରିଥିଲେ । ପରେ ବ୍ଲକ ଓ ପଞ୍ଚାୟତ କର୍ମଚାରୀ ସେମାନଙ୍କୁ ପିଛାକରି ସ୍ଥାନୀୟ ବୁଦୁଗୁଡ଼ା କଲୋନି ନିକଟରେ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ୭ ଜଣ ମହିଳାଙ୍କୁ ଥାନାକୁ ନେଇ ଅଟକ ରଖିଛି । ଏ ନେଇ କାଲିମେଳା ପଞ୍ଚାୟତ ସମିତି ଜିପିଇଓ ରୂପଧର ପୂଜାରୀ କାଲିମେଳା ଥାନାରେ ମହିଳାଙ୍କ ନାମରେ ଲିଖିତ ଅଭିଯୋଗ କରିଥିବା ଜଣା ପଡିଛି ।

## ଅର୍ଜୁନ ପାଣି ଜଙ୍ଗଲରେ ନିଆଁ

**ଉମରକୋଟ,୩।୩ (ସନ୍ତୋଷ ଶତପଥୀ)**

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ତହୋରା ପଞ୍ଚାୟତର ପଦମଝରୀଠାରୁ ଅର୍ଜୁନପାଣି ଯିବା ରାସ୍ତାରେ କଡ଼ରେ ଥିବା ଜଙ୍ଗଲ ଗତ ୨ ଦିନ ହେଲା ଜଳୁଛି। ଜଙ୍ଗଲରେ ନିଆଁ ଲାଗି ବଡ ବଡ ଗଛ ନଷ୍ଟ ହେବା ସହ ଛୋଟ ଜୀବଜନ୍ତୁ ମୃତ୍ୟୁମୁଖକୁ ଟାଣି ହୋଇଯାଉଛନ୍ତି। ୨ ଦିନ ହେଲା ଜଙ୍ଗଲ ଜଳୁଥିବାବେଳେ ବନ କର୍ମଚାରୀଙ୍କ ପାଖରେ ଖବର ବିଳମ୍ବରେ ପହଞ୍ଚିଛି। ପ୍ରତିବର୍ଷ ଏହି ସମୟରେ ଜଙ୍ଗଲ ଜଳୁଥିବା ଦେଖିବାକୁ ମିଳୁଥିଲେ ମଧ୍ୟ ବନ ବିଭାଗ ସଚେତନ ହେଉ ନ ଥିବା ଅଭିଯୋଗ ହେଉଛି। ଘଟଣା ସମ୍ପର୍କରେ ରେଞ୍ଜର ଦେବସ୍ମିତା ସାହୁଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି, ଜଙ୍ଗଲରେ ନିଆଁ ଲାଗିବା ଖବର ଆଜି ଅପରାହ୍ନରେ ମୁଁ ପାଇଲି । ଜଙ୍ଗଲରେ ନିଆଁ ଲାଗିଥିବା ସ୍ଥାନକୁ ସ୍କାଡ୍ ପଠାଯାଇଛି। ଶୀଘ୍ରାତିଶୀଘ୍ର ନିଆଁ ଲିଭାଯିବ ବୋଲି ସେ କହିଛନ୍ତି।


ପଦମଝରୀଠାରୁ ଅର୍ଜୁନପାଣି ଯିବା ରାସ୍ତା କଡ଼ରେ ଥିବା ଜଙ୍ଗଲ ଜଳୁଛି।

## ୫ମାସ ହେଲା ପାଣି ପାଇଁ ଗ୍ରାମବାସୀ ଡହଳବିକଳ

**ବାଲିମେଳା,୩।୩(ଶିବଦତ୍ତ ସାହୁ)**

■ ଗଡ଼ିଗୁଡାରେ ସୋଲାର ପ୍ରକଳ୍ପ, ନଳକୂପ ଅଚଳ
■ ଅଭିଯୋଗ ପରେ ଶୁଣୁନାହାନ୍ତି କର୍ତ୍ତୃପକ୍ଷ

ଗ୍ରୀଷ୍ମଋତୁ ଆରମ୍ଭ ହୋଇଛି। ମାଲକାନଗିରି ଜିଲାର ବିଭିନ୍ନ ଗ୍ରାମରେ ଜଳ ସଙ୍କଟ ଦେଖିବାକୁ ମିଳିଛି । ମୁଖ୍ୟତଃ ପାନୀୟଜଳ ସୁବିଧା ଗ୍ରାମବାସୀଙ୍କ ପାଇଁ ସ୍ୱପ୍ନ ହୋଇଛି। ଏଭଳି ଦେଖିବାକୁ ମିଳିଛି କୋରୁକୋଣ୍ଡା ବ୍ଲକ୍ ନାକାମାମୁଡି ପଞ୍ଚାୟତ ଗଡ଼ିଗୁଡ଼ା ଗାଁରେ। ପ୍ରାୟ ୫ମାସରୁ ଊର୍ଦ୍ଧ୍ୱ ହେବ ଏହି ଗ୍ରାମରେ ଅଚଳ ହୋଇପଡିଛି ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ଓ ନଳକୂପ। ଫଳରେ ଜଳ ମୁନ୍ଦାଏ ପାଇଁ ଗ୍ରାମବାସୀ ବହୁ ହନ୍ତସନ୍ତ ହେଉଛନ୍ତି। ନାକାମାମୁଡ଼ି ପଞ୍ଚାୟତ କାର୍ଯ୍ୟାଳୟଠାରୁ ପ୍ରାୟ ୫୦୦ମିଟର ଦୂରରେ ଗଡ଼ିଗୁଡ଼ା ଗାଁ ରହିଥିବା ବେଳେ ଏହା ଉପରେ ନଜର ପଡୁନି ପଞ୍ଚାୟତ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କର । ଏ ସମ୍ପର୍କରେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭକରି ଗ୍ରାମ୍ୟ ଜଳ,ପରିମଳ ବିଭାଗର କନିଷ୍ଠଯନ୍ତ୍ରୀ ଓ ବ୍ଲକ କର୍ତ୍ତୃପକ୍ଷ ଏବଂ ନିର୍ବାଚିତ ଜନ ପ୍ରତିନିଧିଙ୍କ ଆଗରେ ଯେତେ ନେହୁରା ହେଲେ ବି କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ଗ୍ରାମର ଲକ୍ଷ୍ମୀ ଖରା, ନାଡୁ ଖିଲ, ବାସନ୍ତୀ



ଖିଲ, ଇରା ହନ୍ତାଳ, ଲକ୍ଷ୍ମୀ ମୁଦୁଲି, ପରିମା ପାଙ୍ଗୀ, କୁସୁମା କିର୍ସାନି,ବନ୍ଧୁ ଖରା, ପ୍ରମିଳା ହନ୍ତାଳ, ମଦନ ପାଙ୍ଗୀ, କାମୁ ହନ୍ତାଳ, ତୁଲା ଖିଲ ଓ ଗୋବର୍ଦ୍ଧନ ଖିଲଙ୍କ ସମେତ ସମସ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଗ୍ରାମବାସୀଙ୍କ କହିବାନୁଯାୟୀ, ଏହି ଗ୍ରାମରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ପରିବାର ଦୀର୍ଘବର୍ଷ ଧରି ବସବାସ କରି ଆସୁଛନ୍ତି। ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ପ୍ରାୟ ୨ ବର୍ଷ ପୂର୍ବେ ଗ୍ରାମରେ ଏକ ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ଏଥିପାଇଁ ବିଭାଗ ପକ୍ଷରୁ ପ୍ରାୟ ୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇଥିଲା। ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇଦେବାକୁ ଗ୍ରାମର ବିଭିନ୍ନ ସ୍ଥାନରେ ପାଇପ୍ ବିଛାଯାଇ ୪ଟି ଷ୍ଟାଣ୍ଡପୋଷ୍ଟ ନିର୍ମାଣ ହୋଇଥିଲା। ଉକ୍ତ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରଠାରୁ କିଛି ମାସ ଠିକ୍ ଚାଲିଥିଲା। ଏହାପରେ ପ୍ରକଳ୍ପଟି ଅଚଳ ହୋଇପଡିବାରୁ କିଛିମାସ ପୂର୍ବେ ଏହାକୁ ମରାମତି କରାଯାଇଥିଲା। ଆଜକୁ ପ୍ରାୟ ୫ମାସ ହେବ ଏହି ପ୍ରକଳ୍ପଟି ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ିରହିଛି । ଗ୍ରାମରେ ଥିବା ଏକ ମାତ୍ର ନଳକୂପ ଦୀର୍ଘଦିନ ଧରି ଅଚଳ ହୋଇ ପଡିରହିଛି । ଏଭଳି ସ୍ଥିତିରେ ବର୍ତ୍ତମାନ ଗ୍ରାମରେ ରହୁଥିବା ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ପରିବାର ଗ୍ରାମଠାରୁ ପ୍ରାୟ ୫୦୦ମିଟର ଦୂରରେ ଥିବା ନାକାମାମୁଡ଼ି ଗ୍ରାମରେ ଥିବା ପୁରୁଣା ପଞ୍ଚାୟତ କାର୍ଯ୍ୟାଳୟ ନିକଟ ସାହିରେ ଥିବା ନଳକୂପରୁ ଜଳ ସଂଗ୍ରହକରି ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଶୌଚହେବାକୁ ଗ୍ରାମବାସୀ କିଛି ଦୂରରେ ଥିବା ଏକ ପୋଖରୀକୁ ଯାଉଛନ୍ତି । ଗ୍ରୀଷ୍ମପ୍ରବାହ ଯୋଗୁ ଉକ୍ତ ପୋଖରୀରେ ପାଣି ଶୁଖିବାରେ ଲାଗିଛି । ଜଳ ସଙ୍କଟ ଲାଗି ରହିଥିବାରୁ ଗ୍ରାମବାସୀଙ୍କ ସମେତ ଗୋରୁ ଓ ଅନ୍ୟ ଗୃହପାଳିତ ପ୍ରାଣୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଏନେଇ ଜଳ ଯୋଗାଣ ବିଭାଗ କନିଷ୍ଠଯନ୍ତ୍ରୀ ରବୀନ୍ଦ୍ର ବିଶ୍ୱାଳଙ୍କୁ ପଚାରିବାରୁ ଏ ବିଷୟରେ ମୁଁ ଅବଗତ ଅଛି, ରିପୋର୍ଟ ପଠାଯାଇଛି। ଏଜେନ୍ସିକୁ କୁହାଯିବା ସହ ମରାମତି ପାଇଁ ମୋଟର ମଗାଯାଇଛି। ସପ୍ତାହ ଭିତରେ ଏହାକୁ ମରାମତି କରାଯାଇ ଜଳ ଯୋଗାଇ ଦିଆଯିବ ବୋଲି କହିଛନ୍ତି । ଏ ସମ୍ପର୍କରେ ନାକାମାମୁଡ଼ି ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ଗୁରୁଙ୍କୁ ପଚାରିବାରୁ ପଞ୍ଚାୟତ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।

